ପାଠ - ୨

# କହିଲ ଦେଖି



କିଚିରିମିଚିରି ଶବଦ କରେ
ଘରେ ଘରେ ନୀଡ଼ ରଚନା କରେ
କହି କି ପାରିବ ତା' ନାମ ପିଲେ ?



ଘର ଜଗୁଥାଏ ଦୁଆରେ ବସି
ସେ ଥିଲେ ଘରେ କେ ପାରେନା ପଶି
ଅଜଣା ଲୋକଙ୍କୁ ଦେଖଇ ଯେବେ
ତଡ଼ି ନିଏ କିଏ କୁହ ତ ଏବେ ?

କା' କା' କରି ସିଏ ରାବଇ
ନିଦରୁ ଆମକୁ ଦିଏ ଉଠାଇ
କିଏ ସେ କହିବ ତା' ନାମ ଭାଇ ?



ଅମୃତ ସମାନ କ୍ଷୀରଟି ତା'ର
ଖାଇବାକୁ ସର ଅତି ମଧୁର
କ୍ଷୀର ଦେଇ ସିଏ ପାଳେ ଆମକୁ
କିଏ ସେ କହିବ ତା'ର ନାମକୁ ?





ଶାଗୁଆ ଅଟଇ ଦେହଟି ତା'ର
ନାଲି ଥଣ୍ଟ ତା'ର କି ମନୋହର
କହି କି ପାରିବ ନାମ ତାହାର ?




କୁହୁକୁହୁ ରାବେ ବଡ଼ ସରାଗେ
ଉଡ଼ି ବୁଲୁଥାଏ ଆମରି ଆଗେ
କଳା ଦେହ ସିନା ସୁର ମଧୁର
କହି କି ପାରିବ ନାମ ତାହାର ?

# ଅଭ୍ୟାସ

୧. ଚିତ୍ର ଦେଖି ପକ୍ଷୀମାନଙ୍କ ନାମ କୁହ ।



## ୨. ଚିତ୍ର ଦେଖି କାହାର ମୁହଁ ଲେଖ ।















## ୩. ଗାର ଟାଣି ଚିତ୍ର ସହ ଯୋଡ଼ ।

| | |
|---|---|
|  | ମୟୂର |
|  | କାଉ |
|  | ହଂସ |
|  | ଭାଲୁ |
|  | ପେଚା |
|  | ବାଘ |
|  | ପାରା |


୪। କୁହ ଓ ଲେଖ

(କ) କେଉଁକେଉଁ ପକ୍ଷୀର ରଙ୍ଗ କଳା ?

(ଖ) କେଉଁକେଉଁ ପକ୍ଷୀର ରଙ୍ଗ ଧଳା ?

୫। କିଏ କେତେ ଉପରକୁ ଉଡ଼ି ପାରିବ । ତଳେ ଥିବା ଜାଗାରେ '✔' ଦିଅ ।







| | | |
|---|---|---|
| ବରଗଛ | ଚାଳଘର | ତାଳଗଛ |
| ବାଡ଼ | ପିଜୁଳିଗଛ | ଖଜୁରୀଗଛ |
| ବିଜୁଳିତାର | ସଜନାଗଛ | ମେଘ ପାଖକୁ |

୬। ପାଠରେ 'କ' ଅକ୍ଷର ବ୍ୟବହାର ହୋଇଥିବା ଶବ୍ଦ ତଳେ ଗାର ଦିଅ ଓ ଶବ୍ଦଟି ଲେଖ ।

ଯଥା – କିଚିରି,

______, ______, ______, ______, ______, ______

୭। କିଏ କେମିତି ରାବେ ଲେଖ ।

| | |
|---|---|
| କିଚିରିମିଚିରି | କା' କା' |
| କୁହୁକୁହୁ | ଘୁମୁଘୁମୁ |

୮। ତୁମର କେତେଜଣ ସାଙ୍ଗଙ୍କ ନାମ ଗୋଲ ଭିତରେ ଲେଖାଯାଇଛି। ସେମାନଙ୍କ ନାମର ପ୍ରଥମ ଅକ୍ଷର ଯେଉଁ ପଶୁପକ୍ଷୀଙ୍କ ନାମରେ ଅଛି, ତାହାକୁ ଗାର ଦେଇ ଯୋଡ଼।




୯। ତୁମ ଚାରିପାଖେ ଥିବା ପକ୍ଷୀମାନଙ୍କୁ ଦେଖ । ବହିରେ ଦିଆଯାଇଥିବା ଗୀତ ଭଳି ତୁମେ ପଶୁପକ୍ଷୀଙ୍କୁ ନେଇ ଗୀତ ସଂଗ୍ରହ କର ।

**୧୦। ଚିତ୍ର ଦେଖ ଓ କୁହ –**

ଏ ଚିତ୍ରରୁ କୋଇଲି କିଏ ତା’ ଚାରିପଟେ ଗୋଲ୍ ବୁଲାଅ ।



**୧୧। ମୁଁ କିଏ କୁହ ଓ ଲେଖ ।**

(କ) ବେକରେ ମୋର ନାଲି ଗାର
ଲଙ୍କା ଖାଇବା ସଉକି ମୋର ।

(ଖ) କୁଲା ଭଳିଆ କାନ ମୋର
ପାଦ ମୋଟ ମୋଟ
ଘର ପରି ଦେହଟି ଦିଶେ
ଆଖି ଦୁଇଟି ଛୋଟ ।

(ଗ) “ଗାତରେ ମୁଁ ଘର କରେ
ମୁହଁରେ ଥାଏ ନିଶ
ଘରକୁ ମୁଁ ଆସେ ଯଦି
ଜିନିଷ କରେ ନାଶ ।”

ପାଠ - ୨

# ଶିକ୍ଷକ ଓ ଅଭିଭାବକଙ୍କ ପାଇଁ ସୂଚନା

**ପିରିୟଡ଼ ସଂଖ୍ୟା - ୩୧**

**କ'ଣ ଶିଖିବେ -**

**ଭାଷା :** ଧନ୍ଦା ବୁଝିବେ, ଆବୃତ୍ତି କରିବେ, ସରଳ ପଦ୍ୟକୁ ଉଚ୍ଚ ସ୍ୱରରେ ପଢ଼ିବେ। ପରିଚିତ ଶବ୍ଦକୁ ପଢ଼ିବା ଓ ଲେଖିବା ଦକ୍ଷତା ବୃଦ୍ଧି ପାଇବ ।

**ପରିବେଶ:** ବିଭିନ୍ନ ପଶୁପକ୍ଷୀଙ୍କୁ ଚିହ୍ନବାସହ ପଶୁପକ୍ଷୀଙ୍କ ସ୍ୱର ଚିହ୍ନିବେ ।

- ☐ ପ୍ରଥମେ ଶିକ୍ଷକ ଧନ୍ଦାଗୁଡ଼ିକ କ୍ରମରେ ଆବୃତ୍ତି କରିବେ ଓ ତାଙ୍କ ସହିତ ପିଲାମାନେ ମଧ୍ୟ ଆବୃତ୍ତି କରିବେ । ତା'ପରେ ଶିକ୍ଷକ ଗୋଟିଏ ଗୋଟିଏ ଧନ୍ଦା ଆବୃତ୍ତି କରିବେ ଓ ସମସ୍ତପିଲା ଏକାଥରକେ ଶୁଣିବେ ।
- ☐ ଜଣଜଣକରି ଉତ୍ତର ଦେବାପାଇଁ ଶିକ୍ଷକ ପିଲାମାନଙ୍କୁ କହିବେ ।
- ☐ ଶିକ୍ଷକ ନିଜ ମନରୁ ଧନ୍ଦା ତିଆରି / ସଂଗ୍ରହକରି ପଚାରି ପାରିବେ ।
- ☐ ପିଲାମାନଙ୍କୁ ଦୁଇ ଦଳକରି ଧନ୍ଦାଗୁଡ଼ିକ ପଚରାପଚରି ହେବା ପାଇଁ କହିବେ ।
- ☐ ଏହିପରିଭାବେ ବିଭିନ୍ନ ପଶୁପକ୍ଷୀଙ୍କୁ ଚିହ୍ନାଇବା କାମ କରିବେ ।
- ☐ ପିଲାମାନଙ୍କୁ ଧନ୍ଦା ସଂଗ୍ରହ କାମ କରିବାକୁ ଦେବେ ।

**ଅଭ୍ୟାସ**

- ☐ ପିଲାମାନଙ୍କୁ ବ୍ୟକ୍ତିଗତ ଭାବରେ ସୂଚନା ଅନୁସାରେ ଅଭ୍ୟାସ କରିବାକୁ ଶିକ୍ଷକ କହିବେ ଓ ସେଗୁଡ଼ିକୁ ଆଲୋଚନା କରିବେ ।
- ☐ ପିଲାଙ୍କ ଅନୁମାନ ଦକ୍ଷତା ବୃଦ୍ଧି କରିବାକୁ ଦିଆଯାଇଛି ।
- ☐ ଅଧିକରୁ ଅଧିକ ପିଲାଙ୍କଠାରୁ ଉତ୍ତର ଆଦାୟ କରାଯାଇପାରେ ।
- ☐ ପିଲାଙ୍କୁ ଧନ୍ଦା ଲେଖିବାକୁ ଉତ୍ସାହିତ କରାଯାଇପାରେ ।
- ☐ ଏମିତି ଅନେକ ଚିତ୍ର ଚିହ୍ନିବାପାଇଁ ଦିଆଯାଇପାରେ ।
- ☐ ଏମିତି ଅନେକ ଗୀତ ପିଲା ଓ ଶିକ୍ଷକଙ୍କଦ୍ୱାରା ରଚନା କରାଯାଇପାରେ

  ଓ ଶ୍ରେଣୀରେ ପଚରାପଚରି କାମ ଉପରେ ଗୁରୁତ୍ୱ ଦିଆଯାଇପାରେ ।